# NATIONAL NEWS BULLETIN (ODIA)

**1 April - 2024**

**Mid Bulletin : 1.50 p.m.**

- ପ୍ରଧାନମନ୍ତ୍ରୀ ମୁମ୍ବାଇରେ ଭାରତୀୟ ରିଜର୍ଭ ବ୍ୟାଙ୍କର ୯୦ବର୍ଷ ପୂର୍ତ୍ତି ଉତ୍ସବରେ ଉଦ୍‌ବୋଧନ ଦେଇଛନ୍ତି ।

- ଦିଲ୍ଲୀର ଏକ ଅଦାଲତ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲଙ୍କୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଇଛନ୍ତି ।

- ଉତ୍କଳ ଦିବସ ଉପଲକ୍ଷେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

- ଛତିଶଗଡର ବସ୍ତର ଡିଭିଜନର ସୁକ୍‌ମା ଜିଲ୍ଲାରେ ନିରାପତ୍ତା ବାହିନୀ ଜବାନମାନଙ୍କ ସହ ସଂଘର୍ଷ କରି ଜଣେ ମାଓବାଦୀ ପ୍ରାଣ ହରାଇଛି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ’ ରାଜସ୍ଥାନ ରୟାଲ୍ସକୁ ଭେଟିବ ।

## ପିଏମ୍-ମୁମ୍ବାଇ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତ ଆଗାମୀ ୧୦ବର୍ଷ ମଧ୍ୟରେ ଅର୍ଥନୈତିକ ଦୃଷ୍ଟିରୁ ଆତ୍ମନିର୍ଭରଶୀଳ ହେବା ଉଚିତ୍, ଯାଫଳରେ ଆନ୍ତର୍ଜାତିକ ଅର୍ଥନୈତିକ ମନ୍ଥରତା ଏହାକୁ ବିଶେଷ ପ୍ରଭାବିତ କରିପାରିବ ନାହିଁ । ମୁମ୍ବାଇରେ ଭାରତୀୟ ରିଜର୍ଭ ବ୍ୟାଙ୍କର ୯୦ବର୍ଷ ପୂର୍ତ୍ତି ଉତ୍ସବରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତୀୟ ବ୍ୟାଙ୍କିଙ୍ଗ କ୍ଷେତ୍ରର ରୂପାନ୍ତରଣ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ରହିଛି । ସେ କହିଛନ୍ତି ସରକାର ନେଇଥିବା ପଦକ୍ଷେପ ଯୋଗୁଁ ବ୍ୟାଙ୍କିଙ୍ଗ କ୍ଷେତ୍ର ଲାଭବାନ ହେବାରେ ଲାଗିଛି, ଋଣ ପ୍ରଦାନ ବୃଦ୍ଧି ପାଉଛି । ସେ କହିଛନ୍ତି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକ ପୁନର୍କ୍ଷମ କରିବା ପାଇଁ ସରକାର ୩ଲକ୍ଷ ୫୦ହଜାର କୋଟି ଟଙ୍କାର ପୁଞ୍ଜି ଯୋଗାଇଛନ୍ତି । ସେ କହିଛନ୍ତି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକର ଆଦାୟ ହୋଇପାରିନଥିବା ଋଣ ପରିମାଣ ୨୦୧୮ ମସିହାରେ ଶତକଡା ୧୧ ଦଶମିକ ୨/୫ ଭାଗ ଥିବାବେଳେ ଗତବର୍ଷ ସେପ୍ଟେମ୍ବର ମାସରେ ତାହା ଶତକଡା ୩ ଭାଗକୁ ହ୍ରାସ ପାଇଛି । ଶ୍ରୀ ମୋଦୀ କହିଛନ୍ତି ଦୈତ୍ୟ ବାଲାନ୍ସ ସିଟ୍ ସମସ୍ୟା ଦୂର ହୋଇଛି ଓ ବ୍ୟାଙ୍କଗୁଡ଼ିକ ଦ୍ୱାରା ଋଣ ପ୍ରଦାନ ଶତକଡା ୧୫ ଭାଗ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଏହିସବୁ କ୍ଷେତ୍ରରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ରିଜର୍ଭ ବ୍ୟାଙ୍କ ସମଗ୍ର ବିଶ୍ୱରେ ଏହାର ପେଶାଦାରିତା ଓ ପ୍ରତିଶ୍ରୁତିବଦ୍ଧତାକୁ ପରିଚିତ । ସେ କହିଛନ୍ତି ରିଜର୍ଭ ବ୍ୟାଙ୍କ ବଣ୍ଡ ଉପରେ ମିଳୁଥିବା ଲାଭ ବୃଦ୍ଧି ପାଇବାରେ ସହାୟକ ହୋଇଥିବାବେଳେ ମୁଦ୍ରାସ୍ଫୀତିକୁ କମ୍ ରଖିପାରିଛି । ପ୍ରଧାନମନ୍ତ୍ରୀ ମୁମ୍ବାଇକୁ ଦିନିକିଆ ଗସ୍ତରେ ଯାଇଛନ୍ତି ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି ।

ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାଶ କହିଛନ୍ତି ଭାରତୀୟ ଅର୍ଥନୀତିର ବିକାଶ ସହିତ ରିଜର୍ଭ ବ୍ୟାଙ୍କର ମଧ୍ୟ ବିକାଶ ଘଟିଛି । ରିଜର୍ଭ ବ୍ୟାଙ୍କ ୧୯୩୫ ମସିହା ଏପ୍ରିଲ ମାସରେ ସ୍ଥାପିତ ହୋଇଥିଲା ।

# କୋର୍ଟ କେଜରିୱାଲ

ଦିଲ୍ଲୀର ଏକ ଅଦାଲତ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଇଛନ୍ତି । ଗତମାସ ୨୧ ତାରିଖରେ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ତାଙ୍କୁ ଗିରଫ କରିଥିଲା । ରାଉଜ୍ ଆବେନ୍ୟୁ କୋର୍ଟର ସ୍ୱତନ୍ତ୍ର ସି.ବି.ଆଇ ଜଜ୍ କାବେରୀ ବାବେଜା ଏହି ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ କେଜରିୱାଲଙ୍କ ଇଡି ହାଜତ ରହଣି ସମୟ ପୁରିଯିବାରୁ ତାଙ୍କୁ ଆଜି କୋର୍ଟରେ ହାଜର କରାଯାଇଥିଲା । ପୂର୍ବରୁ ଗତ ମାସ ୨୨ ତାରିଖରେ ନିମ୍ନ ଅଦାଲତ ତାଙ୍କୁ ୬ ଦିନ ପାଇଁ ଇଡି ହାଜତକୁ ପଠାଇଥିଲେ । ପରେ ତାଙ୍କ ହାଜତ ରହଣି ସମୟ ଆଉ ୪ ଦିନ ସମ୍ପ୍ରସାରଣ କରାଯାଇଥିଲା ।

ଶ୍ରୀ କେଜରିୱାଲ ୯ଥର ଇଡିର ସମନକୁ ଏଡାଇଥିଲେ । ଦିଲ୍ଲୀ ମାଦକଦ୍ରବ୍ୟ ଦୁର୍ନୀତି ମାମଲାରେ ଆମ୍ ଆଦ୍‌ମୀ ପାର୍ଟିର ମନୀଷ ଶିଶୋଦିଆ ଓ ସଞ୍ଜୟ ସିଂହ ମଧ୍ୟ ଅଭିଯୁକ୍ତ ଅଛନ୍ତି । ସେମାନଙ୍କୁ ମଧ୍ୟ ନ୍ୟାୟିକ ହାଜତରେ ରଖାଯାଇଛି ।

# ଓଡ଼ିଶା ଡେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍କଳ ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି କହିଛନ୍ତି ଓଡ଼ିଶା ଏହାର ବିଶାଳ ପ୍ରାକୃତିକ ସମ୍ପଦ ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ପରିଚିତ ଓ ରାଜ୍ୟର ପ୍ରତିଭାଶାଳୀ ଜନସାଧାରଣ ଦେଶ ଓ ଅଞ୍ଚଳର ବିକାଶରେ ଅନେକ ଅବଦାନ କରିଛନ୍ତି । ସେ କହିଛନ୍ତି ଓଡ଼ିଶା ଶତାବ୍ଦୀ ଶତାବ୍ଦୀ ଧରି ଅନେକ ମହାନ ବ୍ୟକ୍ତିଙ୍କୁ ଜନ୍ମ ଦେଇଛି । ଓଡ଼ିଶାରୁ ଆଧୁନିକ ଭାରତର ବହୁ ନିର୍ମାତାମାନେ ରହିଛନ୍ତି ।

ଉପରାଷ୍ଟ୍ରପତି କହିଛନ୍ତି ପୁରାତନ ମନ୍ଦିର ସହ ଅତ୍ୟାଧୁନିକ ସମୟର ନୂଆ ନୂଆ ବ୍ୟବସ୍ଥା ସହ ଓଡ଼ିଶା ଏହାର ସଂସ୍କୃତି, ଐତିହ୍ୟ ଓ ସମୃଦ୍ଧି ପାଇଁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଆଜିର ଦିନ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟ ବିଷୟରେ ଆମକୁ ସ୍ମରଣ କରାଇଥାଏ । ସେ କହିଛନ୍ତି ଜାତୀୟ ବିକାଶରେ ଓଡ଼ିଶାର ଅନେକ ଅବଦାନ ରହିଛି । ଓଡ଼ିଶା ଜନସାଧାରଣଙ୍କର ସଫଳତା ଓ ସମୃଦ୍ଧି ପାଇଁ ସେ କାମନା କରିଛନ୍ତି ।

# ଛତିଶଗଡ-ମାଓଇଷ୍ଟ କିଲ୍‌ଡ

ଛତିଶଗଡର ବସ୍ତର ଡିଭିଜନର ସୁକ୍‌ମା ଜିଲ୍ଲାରେ ନିରାପତ୍ତା ବାହିନୀ ଜବାନମାନଙ୍କ ସହ ସଂଘର୍ଷ କରି ଜଣେ ମାଓବାଦୀ ପ୍ରାଣ ହରାଇଛି । କୋବ୍ରା ବାଟାଲିୟନ ଓ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ ଦ୍ୱାରା ଟେଟ୍‌ମାଡଗୁଠାରେ ଖୋଜାଖୋଜି କରାଯାଉଥିବା ସମୟରେ ସଂଘର୍ଷ ଆରମ୍ଭ ହୋଇଥିଲା ।

ସୁକ୍‌ମା ଜିଲ୍ଲା ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ କିରଣ ଚୌହ୍ୱାନ କହିଛନ୍ତି ଘଟଣାସ୍ଥଳୀରୁ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଉଦ୍ଧାର କରାଯାଇଛି ।

## ବିଜେପି ମେନିଫେଷ୍ଟ ମିଟିଂ

ବିଜେପି ନିର୍ବାଚନ ଇସ୍ତାହାର କମିଟି ବୈଠକ ନୂଆଦିଲ୍ଲୀସ୍ଥିତ ପାର୍ଟି ମୁଖ୍ୟ କାର୍ଯ୍ୟାଳୟଠାରେ ଚାଲିଛି । ଆଗାମୀ ଲୋକସଭା ନିର୍ବାଚନ ପାଇଁ କମିଟି ପାର୍ଟିର ଇସ୍ତାହାରକୁ ଚୂଡ଼ାନ୍ତ କରିବ । ପାର୍ଟି ନେତା ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ୨୭ଜଣିଆ କମିଟିର ଏହା ପ୍ରଥମ ବୈଠକ । ପାର୍ଟି ନେତା ନିର୍ମଳା ସୀତାରମଣ ବୈଠକର ଆବାହକ ଥିବାବେଳେ ପୀୟୁଷ ଗୋଏଲ ସହ-ଆବାହକ ରହିଛନ୍ତି ।

ଇତିମଧ୍ୟରେ କଂଗ୍ରେସ କେନ୍ଦ୍ରୀୟ ନିର୍ବାଚନ କମିଟିର ଆଜି ନୂଆଦିଲ୍ଲୀରେ ବୈଠକ ବସି ତେଲେଙ୍ଗାନା ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କର ନାମ ଚୂଡ଼ାନ୍ତ କରାଯାଉଛି । ପାର୍ଟି ସଭାପତି ମଲ୍ଲିକାର୍ଜୁନ ଖଡଗେ, ପାର୍ଟି ନେତା ସୋନିଆ ଗାନ୍ଧୀ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଓ ଅନ୍ୟ ନେତାମାନେ ବୈଠକରେ ଯୋଗ ଦେଇଛନ୍ତି ।

## ପିଏମ୍-କଚାତିବୁ

ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଚାତିବୁ ଦ୍ୱୀପ ପ୍ରସଙ୍ଗରେ ଡି.ଏମ୍.କେର ସମାଲୋଚନା କରିଛନ୍ତି । ସେ କହିଛନ୍ତି ତାମିଲନାଡୁର ସ୍ୱାର୍ଥ ରଖିବା ପାଇଁ ଡି.ଏମ୍.କେ କୌଣସି ପଦକ୍ଷେପ ନେଇନାହିଁ । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି କଚାତିବୁ ପ୍ରସଙ୍ଗରେ ମିଳୁଥିବା ନୂଆ ନୂଆ ତଥ୍ୟ ଡି.ଏମ୍.କେର ଦୋହରା

ମନୋଭାବକୁ ପଦାରେ ପକାଇଦେଇଛି । ୧୯୭୪ ମସିହାରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ସେତେବେଳେ ତତ୍କାଳୀନ କଂଗ୍ରେସ ସରକାରଙ୍କ ଦ୍ୱାରା କଚାତିବୁ ଦ୍ୱୀପକୁ ଶ୍ରୀଲଙ୍କାକୁ ଦିଆଯାଇଥିଲା । ପ୍ରଧାନମନ୍ତ୍ରୀ ଗଣମାଧ୍ୟମର ଏକ ରିପୋର୍ଟକୁ ଉଲ୍ଲେଖ କରିଛନ୍ତି । ସେହି ରିପୋର୍ଟ ଅନୁସାରେ ଏମ୍. କରୁଣାନିଧି ତାମିଲନାଡୁର ମୁଖ୍ୟମନ୍ତ୍ରୀ ଥିବାବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏ ବିଷୟରେ ତାଙ୍କ ସହ ବିଚାରବିମର୍ଷ କରିଥିଲେ ଓ ଏଥିପାଇଁ ଶ୍ରୀ କରୁଣାନିଧି ସମ୍ମତି ପ୍ରଦାନ କରିଥିଲେ । ଶ୍ରୀ ମୋଦୀ କହିଛନ୍ତି କଂଗ୍ରେସ ଓ ଡି.ଏମ୍.କେ ପାରିବାରିକ ଦଳ ଓ ସେମାନେ କେବଳ ନିଜର ବଂଶଜମାନଙ୍କର ଉତ୍‌ଥାନ ପାଇଁ କାର୍ଯ୍ୟ କରୁଛନ୍ତି । କଚାତିବୁ ପରେ ସେମାନଙ୍କର ଉଦାସୀନ ଭାବ ଗରିବ ମତ୍ସ୍ୟଜୀବୀମାନଙ୍କ ସ୍ୱାର୍ଥ ପ୍ରତି ଘୋର୍ କ୍ଷତି ପହଞ୍ଚାଇଛି ।

ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତା ତଥା ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ମଧ୍ୟ ଡି.ଏମ୍.କେର ସମାଲୋଚନା କରିଥିଲେ । ସେ କହିଥିଲେ ଡି.ଏମ୍.କେ ଶ୍ରୀଲଙ୍କାକୁ କଚାତିବୁ ଦିଆଯିବା ଉପରେ ପ୍ରଶ୍ନ ଉଠାଇଛି । ଡି.ଏମ୍.କେ ସହ ଏ ସଂକ୍ରାନ୍ତରେ ପରାମର୍ଶ କରାଯାଇ ନଥିଲା ବୋଲି ପାର୍ଟି କହୁଛି । କିନ୍ତୁ ପ୍ରକୃତରେ ଡି.ଏମ୍.କେକୁ ସବୁକିଛି ଜଣାଥିଲା ।

## ଏଲ୍‌ପିଜି ପ୍ରାଇସେସ୍

ତୈଳ ବିକ୍ରୟକାରୀ କମ୍ପାନୀମାନେ ବ୍ୟବସାୟିକ କାର୍ଯ୍ୟ ପାଇଁ ୧୯ କିଲୋଗ୍ରାମ ଏଲ୍.ପି.ଜି ସିଲିଣ୍ଡର ମୂଲ୍ୟ ହ୍ରାସ କରିଛନ୍ତି । ସଂଶୋଧିତ

ସିଲିଣ୍ଡରର ମୂଲ୍ୟ ୩୦ରୁ ୩୨ ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇଛି । ଦିଲ୍ଲୀରେ ୧୯କିଲୋ ଏଲ୍.ପି.ଜି ସିଲିଣ୍ଡରର ମୂଲ୍ୟ ୧ହଜାର ୭୬୪ଟଙ୍କାକୁ ହ୍ରାସ ପାଇଛି । ପୂର୍ବରୁ ଏହା ୧ହଜାର ୭୯୫ ଟଙ୍କା ଥିଲା । ସେହିଭଳି କୋଲକାତାରେ ୧୯ କିଲୋଗ୍ରାମ ଏଲ୍.ପି.ଜି ସିଲିଣ୍ଡରର ମୂଲ୍ୟ ୧ହଜାର ୮ଶହ ଅଣାଅଶୀ ଟଙ୍କାକୁ ହ୍ରାସ ପାଇଛି ଓ ମୁମ୍ବାଇରେ ୧ହଜାର ୭୧୭ ଟଙ୍କାକୁ ହ୍ରାସ ପାଇଛି । ଚେନ୍ନାଇରେ ମଧ୍ୟ ସିଲିଣ୍ଡରର ମୂଲ୍ୟ ୧ହଜାର ୯୩୦ ଟଙ୍କାକୁ ହ୍ରାସ ପାଇଛି ।

## ପିଏମ୍-ଶିବକୁମାର

ପ୍ରଧାନମନ୍ତ୍ରୀ ଧର୍ମଗୁରୁ ତଥା ଶିକ୍ଷାବିତ୍ ଶ୍ରୀ ଶ୍ରୀ ଶ୍ରୀ ଶିବକୁମାର ସ୍ୱାମୀଗାଲୁଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି ଡକ୍ଟର ସ୍ୱାମୀଗାଲୁ ସମାଜର ନିଃସ୍ୱାର୍ଥପର ଭାବେ ସେବା କରିବାସହ ନିଃସ୍ୱାର୍ଥପରତା ଓ ଦୟାଭାବର ପ୍ରସାର କରିଛନ୍ତି । ସେ କହିଛନ୍ତି ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ ତାଙ୍କର କାର୍ଯ୍ୟରୁ ଲକ୍ଷ ଲକ୍ଷ ଲୋକ ଉପକୃତ ହୋଇଛନ୍ତି । ମାନବଜାତିର ସେବା ଓ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ସେ ଜ୍ୱଳନ୍ତ ଦୃଷ୍ଟାନ୍ତ ହୋଇଛନ୍ତି ।

## ଟର୍କୀ ପୋଲ୍ସ

ଟର୍କୀ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ନିର୍ବାଚନରେ ଦେଶର ମୁଖ୍ୟ ବିରୋଧୀ ବଡ ବିଜୟ ହାସଲ କରିଛି । ନିର୍ବାଚନ ଫଳାଫଳ ରିସେପ ତାୟିପ୍ ୟେର୍ଦୋଗାନଙ୍କ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି । ଶ୍ରୀ ୟେର୍ଦୋଗାନ ତୃତୀୟବାର ଲାଗି ରାଷ୍ଟ୍ରପତି ହେବାର ବର୍ଷକ ମଧ୍ୟରେ

ସହରଗୁଡ଼ିକ ଉପରେ ନିୟନ୍ତ୍ରଣ ପୁର୍ନବାର ଲାଭ କରିବାକୁ ଆଶା ରଖିଥିଲେ । କିନ୍ତୁ ୟେକ୍ରେମ ଇମାମୋଗ୍ଲୁ ଧର୍ମନିରପେକ୍ଷ ବିରୋଧୀ ସି.ଏଚ୍.ପି ପାଇଁ ବିଜୟ ଆଣିଛନ୍ତି । ଦୀର୍ଘ ୨୧ ବର୍ଷର କ୍ଷମତା ଅକ୍ତିଆର ମଧ୍ୟରେ ପ୍ରଥମଥର ପାଇଁ ୟେର୍ଦୋଗାନ ପରାଜୟର ସମ୍ମୁଖୀନ ହୋଇଛନ୍ତି । ରାଜଧାନୀ ଅଙ୍କାରାରେ ବିରୋଧୀ ମେୟର ମନସୁର ୟାବାସ ତାଙ୍କର ପ୍ରତିଦ୍ୱନ୍ଦ୍ୱିମାନଙ୍କ ଠାରୁ ଆଗରେ ଅଛନ୍ତି । ସି.ଏଚ୍.ପି ଟର୍କୀର ଅନେକ ବଡ ବଡ ସହରରେ ବିଜୟ ଆଡକୁ ଅଗ୍ରସର ହେଉଛି । ସେହି ସହରଗୁଡ଼ିକ ମଧ୍ୟରେ ଇଜ୍‌ମିର୍, ବର୍ଷା, ଅଦାନା ଓ ଆନ୍ତାଲ୍ୟା ପ୍ରଭୃତି ରହିଛି । ରାଷ୍ଟ୍ରପତି ୟେର୍ଦୋଗାନ କହିଛନ୍ତି ନିର୍ବାଚନ ଫଳାଫଳ ତାଙ୍କର ଆଶାନୁରୂପୀ ହୋଇନାହିଁ ।

## ଆଇପିଏଲ୍ କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ' ରାଜସ୍ଥାନ ରୟାଲ୍ସକୁ ଭେଟିବ । ଏହି ମ୍ୟାଚ୍ ଆଜି ସଂଧ୍ୟା ୭ଟା ୩୦ ମିନିଟ୍‌ରେ ମୁମ୍ବାଇରେ ଖେଳାଯିବ । ଗତକାଲି ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଚେନ୍ନାଇ ସୁପରକିଙ୍ଗ୍‌ସକୁ ୨୦ରନ୍‌ରେ ହରାଇଥିବାବେଳେ ଗୁଜୁରାତ ଟାଇଟାନ୍ସ' ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୭ ୱିକେଟ୍‌ରେ ହରାଇଥିଲା ।